ସନ୍ଥ ସରନ ଗୋସ୍ୱାମୀ @ ଦେଓଜି

ବନାମ

ବିହାର ରାଜ୍ୟ ଏବଂ ଅନ୍ୟମାନେ

ଜାନୁଆରୀ 17,1995

[କେ. ରାମାସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ବିହାର ଭୂ-ସଂସ୍କାର (ଜମି ସୀମା ନିର୍ଦ୍ଧାରଣ ଏବଂ ଅଧିଗ୍ରହଣ) ଅଧିନିୟମ, 1961- ଧାରା 2(ee) ଏବଂ 32- A - ଗୋଟିଏ ମଠର ପରିଚାଳନା ଅଧୀନରେ ଥିବା ଅନେକ ମଠ - ସେଗୁଡ଼ିକୁ ଗୋଟିଏ ମଠର ଶାଖା କିମ୍ବା ମଠ ସମୂହ ଭାବେ ବିବେଚନା କରାଯିବ କି - ଏହି ମଠର , ଏହାର ଭୂମିକୁ ପରିଚାଳନା ମଠରୁ ମୁକ୍ତ ବୋଲି ବିବେଚନା କରିବାର ଅଧିକାର ନାହିଁ - ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନର ପୁନରାରମ୍ଭ - ଏହାକୁ ଆପତ୍ତି କରାଗଲା ନାହିଁ ଏବଂ ତାହା ଚୂଡ଼ାନ୍ତ ହୋଇଥିଲା ଏବଂ ସେହି କାରଣରୁ ମାମଲାକୁ ଉଠାଇବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ।*

**ବାଲେଠା ମଠକୁ ସୂଚାଉଥିବା ଆବେଦନକାରୀଙ୍କ ପାଖରେ 15.36 ଏକର ଜମି ଥିଲା । ବିହାର ଭୂ-ସଂସ୍କାର (ଜମି ସୀମା ନିର୍ଦ୍ଧାରଣ ଏବଂ ଅଧିଗ୍ରହଣ) ଅଧିନିୟମ 1961 ଅନୁଯାୟୀ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ।**

**15.04.76 ର ଏକ ଆଦେଶରେ ଉପ ଜିଲ୍ଲାପାଳ ଧରି ନେଲେ ଯେ, ଆବେଦନକାରୀ ଏକ ପୃଥକ ମଠ ଅଟନ୍ତି ଏବଂ ଆବେଦନକାରୀଙ୍କର ଦଖଲରେ ଥିବା ଜମି, ଧନୌତି ମଠର ଜମିରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ , ଧନୌତି ମଠ ଏକ ଆବେଦନ ଦାଖଲ କଲେ ଓ ରାଜସ୍ୱ ପରିଷଦ ଙ୍କୁ ପୁନଃରୀକ୍ଷଣ ପାଇଁ ଆବେଦନ କଲେ ।**

**ପୁନଃରୀକ୍ଷଣ ବିଚାରାଧୀନ ଥିବା ସମୟରେ, ଅଧିନିୟମରେ ସଂଶୋଧନ କରାଯାଇ ତାରିଖ 06.04.81 ରୁ ଧାରା 32-A କୁ ଅଣାଯାଇଥିଲା ଏବଂ ସେହି ଅନୁଯାୟୀ ସମସ୍ତ ବିଚାରାଧୀନ କାର୍ଯ୍ୟାନୁଷ୍ଠାନକୁ ସମାପ୍ତ କରାଗଲା । ଉପ ଜିଲ୍ଲାପାଳ, ଆବେଦନକାରୀଙ୍କ ବିରୋଧରେ 12.08.81 ରେ ସ୍ୱତଃପ୍ରବୃତ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲେ ଏବଂ ନିଷ୍ପତ୍ତି ନେଲେ ଯେ ଧନୌତି ମଠର ପରିଚାଳନା ଅଧୀନରେ, ଆବେଦନକାରୀଙ୍କ ମଠ ସମେତ ଅନେକ ମଠ ରହିଛି । ଧନୌତି ମଠ ଦ୍ୱାରା ଜମି ଅଧିକୃତ ବୋଲି**

**ଧରି ନେଇ ସର୍ବୋଚ୍ଚ ସୀମାକୁ ନିର୍ଦ୍ଧାରଣ କରାଗଲା । ଉପ ଜିଲ୍ଲାପାଳଙ୍କ ଆଦେଶକୁ ଆପିଲୀୟ ଅଦାଲତ , ପୁନଃରୀକ୍ଷଣ ଅଦାଲତ ଏବଂଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ ରଖାଗଲା ।**

**ଏହି ନ୍ୟାୟାଳୟରେ ଆବେଦନରେ ଏହା ଯୁକ୍ତି କରାଯାଇଥିଲା ଯେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ପୁନରାରମ୍ଭ ମନ୍ଦ ଥିଲା କାରଣ ଉପ - ଜିଲ୍ଲାପାଳଙ୍କ ଦ୍ୱାରା ତାରିଖ 15.04.76 ରେ ହୋଇଥିବା ଆଦେଶ ଚୂଡ଼ାନ୍ତ ଥିଲା ଏବଂ ଧାରା 32- A ହୋଇଥିବା କାର୍ଯ୍ୟାନୁଷ୍ଠାନ ସମାପ୍ତ ଫଳସ୍ୱରୂପ କୌଣସି କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ନଥିଲା । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଆବେଦନକାରୀ ମଠ , ଧନୌତି ମଠର କେବଳ ଏକ ଶାଖା ଥିଲା ଏବଂ 1961 ଅଧିନିୟମର ଧାରା 2 (ee) ରେ ବ୍ୟାଖ୍ୟା କରାଯାଇଥିବା ଭଳି, ଏହାକୁ ଧନୌତି ମଠର ଏକ 'ପରିବାର' ଭାବରେ ବିବେଚନା କରାଯାଇପାରିବ ନାହିଁ , ତେଣୁ ଆବେଦନକାରୀଙ୍କ ପାଖରେ ଥିବା ଜମିକୁ , ସର୍ବୋଚ୍ଚ ସୀମା ନିର୍ଦ୍ଧାରଣର ଉଦ୍ଦେଶ୍ୟ ପାଇଁ ଧନୌତି ମଠର ଜମିରେ ଅନ୍ତର୍ଭୁକ୍ତ କରାଯାଇପାରିଲା ନାହିଁ।**

**ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ ରାୟ ଦେଲେ ଯେ :**

**1. ଅଧିନିୟମ 2 (ee) ର ବ୍ୟାଖ୍ୟା (1) ରେ ଏହା ସ୍ପଷ୍ଟ କରାଯାଇଛି ଯେ "ବ୍ୟକ୍ତି" ଶବ୍ଦଟି ଅନ୍ତର୍ଭୁକ୍ତ କିମ୍ବା ଅଣ ଅନ୍ତର୍ଭୁକ୍ତ ଯେକୌଣସି କମ୍ପାନୀ, ଅନୁଷ୍ଠାନ, ନ୍ୟାସ, ସଂଗଠନ କିମ୍ବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରେ । ଆବେଦନକାରୀ ମଠ, ଧନୌତି ମଠର ଏକ ଅଂଶ ଥିଲା ଏବଂ ତେଣୁ, ତାଙ୍କୁ ଜଣେ ସ୍ୱାଧୀନ ବ୍ୟକ୍ତି ଭାବରେ ବିବେଚନା କରାଯାଇପାରିଲା ନାହିଁ । ଆବେଦନକାରୀଙ୍କ ଜମି ଧନୌତି ମଠର ଜମି ସହିତ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।**

**2. କାର୍ଯ୍ୟାନୁଷ୍ଠାନର ପୁନରାରମ୍ଭକୁ ଉଚ୍ଚ ନ୍ୟାୟାଳୟ ରେ ଆପତ୍ତି କରାଯାଇ ନଥିଲା ଏବଂ ତେଣୁ ଏହାକୁ ଉଠାଯାଇପାରିଲା ନାହିଁ । ଅଧିକନ୍ତୁ, ଗଣନା ପ୍ରକ୍ରିୟାରେ, କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନର ପୁନରାରମ୍ଭର ବୈଧତା ଭିତରକୁ ଯାଇପାରିବେ ନାହିଁ।**

ଦେୱାନୀ ଆବେଦନ ଅଧିକାରିତା : 1992ର ଦେୱାନୀ ଆବେଦନ ସଂଖ୍ୟା 1216/1992 ।

ଦେୱାନୀ ଆଜ୍ଞାଦେଶ କ୍ଷେତ୍ରାଧିକର ନ୍ୟାୟାଳୟ ସଂଖ୍ୟା 1241/1984 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 10.7.84 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏ. ଶରଣ ।

ଉତ୍ତରଦାତାମାନଙ୍କ ତରଫରୁ  ପ୍ରମୋଦ ସ୍ୱରୂପ, ସୁଶ୍ରୀ ନିରଞ୍ଜନା ସିଂହ, ଏବଂ ଏସ୍. ପି. ସିଂହ ।

ନ୍ୟାୟାଳୟଙ୍କର  ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଆବେଦନକାରୀ, ବିହାର ରାଜ୍ୟର ସିୱାନ ପ୍ରଖଣ୍ଡ ଅଧୀନରେ ଥିବା ବାଲେଠା ଗାଁର 15.36 ଏକର ଜମିର ଦଖଲରେ ଅଛନ୍ତି, ବିହାର ଭୂ - ସଂସ୍କାର (ଜମି ସୀମା ନିର୍ଦ୍ଧାରଣ ଏବଂ ଅଧିଗ୍ରହଣ) ଅଧିନିୟମ 1961 (ସଂକ୍ଷେପରେ, ଅଧିନିୟମ) ର ଧାରା 10 (1) ଅନୁଯାୟୀ କବୀର ପନ୍ଥର ଧନୌତି ମଠକୁ ଅଧିସୂଚିତ କରାଯାଇଥିଲା ।ଯେତେବେଳେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଗଲା, ଭୂ-ସଂସ୍କାର ଉପ ଜିଲ୍ଲାପାଳ ତାଙ୍କର 15.4.1976 ତାରିଖର କାର୍ଯ୍ୟାନୁଷ୍ଠାନରେ ଧରି ନେଲେ ଯେ ଆବେଦନକାରୀ ହେଉଛନ୍ତି ଏକ ପୃଥକ ମଠ ତେଣୁ ଆବେଦନକାରୀଙ୍କ ଦ୍ୱାରା ଅଧିକୃତ ଜମିକୁ ଧନୌତି ମଠର ଜମିରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ । ଅନ୍ୟ ଜମି ସମ୍ବନ୍ଧରେ ଏବଂ ପୁନର୍ବାର ପୁନଃରୀକ୍ଷଣ ସମ୍ବନ୍ଧରେ ଧନୌତି ମଠ, ଆବେଦନରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଲେ । ପୁନଃରୀକ୍ଷଣ  ବିଚାରାଧୀନ ଥିବାବେଳେ,  ସଂଶୋଧନ ଅଧିନିୟମ ଦ୍ୱାରା ତାରିଖ 6.4.1981 ରୁ ବିଧାନରେ ଧାରା 32-A କୁ ଅଣାଗଲା । ଏହି ସଂଶୋଧନର ପ୍ରଭାବ ହେଉଛି ଯେ ସମସ୍ତ ବିଚାରାଧୀନ କାର୍ଯ୍ୟାନୁଷ୍ଠାନ ସମାପ୍ତ କରାଗଲା । ଏହାପରେ ନୂତନ ଭାବେ ସ୍ୱତଃପ୍ରବୃତ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି ।  ଭୂ- ସଂସ୍କାର, ଉପ ଜିଲ୍ଲାପାଳ ତାଙ୍କ କ୍ଷମତାର ପ୍ରୟୋଗରେ 12.8.81 ତାରିଖରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ସେହି କାର୍ଯ୍ୟାନୁଷ୍ଠାନ ଗୁଡ଼ିକରେ ଏହା ଧରି ନିଆଗଲା ଯେ  ଧନୌତି ମଠର ପରିଚାଳନା ଅଧୀନରେ ଆବେଦନକାରୀ ମଠକୁ ଅନ୍ତର୍ଭୁକ୍ତ କରି ଭରଥେରୀ ମଠ, ବାଲେଠା ମଠ, ମୌଜାହିଦପୁର ମଠ ଇତ୍ୟାଦି ଭଳି ଅନେକ ଗୁଡ଼ିଏ ମଠ ଅଛି , ତେଣୁ ସମସ୍ତ ଜମି, ଧନୌତି ମଠ ଦ୍ୱାରା ଅଧିକୃତ ହୋଇଛି । ତଦନୁସାରେ ଜମି ଧାରଣ ଉପରେ ସର୍ବୋଚ୍ଚ ସୀମା ସ୍ଥିର କରାଗଲା । ଆବେଦନରେ, ଏହା ନିଶ୍ଚିତ କରାଗଲା ଏବଂ ପୁନର୍ବାର ପୁନଃରୀକ୍ଷଣରେ, ରାଜସ୍ୱ ପରିଷଦ 19.1.84 ତାରିଖର ଆଦେଶ ଦ୍ୱାରା ଏହାକୁ ନିଶ୍ଚିତ କରିଥିଲେ । ଯେତେବେଳେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟ ରେ ଦେୱାନୀ ଆଜ୍ଞାଦେଶ କ୍ଷେତ୍ରାଧିକର ସଂଖ୍ୟା 1241/84 ଦାଖଲ କଲେ, କର୍ତ୍ତୃପକ୍ଷଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସିଦ୍ଧାନ୍ତର ସଠିକତାକୁ ଆପତ୍ତି କରି  କରି, ତାଙ୍କର 10.7.84 ତାରିଖର ଆଦେଶ

ଦ୍ୱାରା ଉଚ୍ଚ ନ୍ୟାୟାଳୟ ଏହାକୁପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତ୍ୟାଖ୍ୟାନ କରିଦେଲେ । ତେଣୁ ସ୍ୱତନ୍ତ୍ର ଆବେଦନ ଦ୍ୱାରା ଏହି ଆବେଦନ କରାଗଲା ।

ପ୍ରଥମେ ଏହା ଯୁକ୍ତି କରାଗଲା ଯେ କାର୍ଯ୍ୟାନୁଷ୍ଠାନର ପୁନରାରମ୍ଭ କରିବା ଆଇନ ଦୃଷ୍ଟିରେ ମନ୍ଦ ।  ଯେଉଁ ମୁଖ୍ୟ କାରଣ ଉପରେ ବିବାଦ ଉଠିଛି ତାହା ହେଉଛି ଉପ ଜିଲ୍ଲାପାଳ ତାଙ୍କର 15.4.76 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଘୋଷଣା କରିଥିଲେ ଯେ ଆବେଦନକାରୀ ହେଉଛନ୍ତି ଏକ ପୃଥକ ସଂସ୍ଥା ଥିଲେ ଏବଂ ସ୍ୱାଧୀନ ଭାବରେ ଉକ୍ତ ଜମିକୁ ଧାରଣ କରିଥିଲେ । ଏହାକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଗଲା । ତେଣୁ, ଏପରି କୌଣସି କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ନଥିଲା ଯାହାର ଫଳସ୍ୱରୂପ ରେ ଧାରା 32 କୁ ଲାଗୁ କରି ଉକ୍ତ କାର୍ଯ୍ୟାନୁଷ୍ଠାନକୁ ସମାପ୍ତ କରାଯାଇଥିଲା । ଦୁର୍ଭାଗ୍ୟବଶତଃ, ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ କାରଣ ପୁନରାରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଯାଇଥିଲା କାରଣ ସେଗୁଡ଼ିକୁ ଉଚ୍ଚ ନ୍ୟାୟାଳୟ ରେ କୌଣସି ଆଜ୍ଞାଦେଶ ଆବେଦନ ଦାଖଲ କରି ଆପତ୍ତି କରାଯାଇ ନଥିଲା । ଗଣନା ପ୍ରକ୍ରିୟାରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନର ପୁନଃ ଖୋଲିବାର ବୈଧତା ଭିତରକୁ ଯାଇପାରିବେ ନାହିଁ।ତେଣୁ, ଏହି ଯୁକ୍ତିକୁ ଉଠାଇବା ପାଇଁ ଆବେଦନକାରୀଙ୍କ ପାଇଁ ଏଠାରେ ଦ୍ୱାର ଉନ୍ମୁକ୍ତ ନାହିଁ।

ତା ପରେ ଏହା ଯୁକ୍ତି କରାଗଲା ଯେ ଆବେଦନକାରୀ,  ଆବେଦନକାରୀ, ଧନୌତି ମଠର କେବଳ ଏକ ଶାଖା ଥିଲା ଏବଂ 1961 ଅଧିନିୟମର ଧାରା 2 (ee) ରେ ବ୍ୟାଖ୍ୟା କରାଯାଇଥିବା ଭଳି, ଏହାକୁ ଧନୌତି ମଠର ଏକ 'ପରିବାର' ଭାବରେ ବିବେଚନା କରାଯାଇପାରିବ ନାହିଁ , ତେଣୁ ଆବେଦନକାରୀଙ୍କ ପାଖରେ ଥିବା ଜମିକୁ , ସର୍ବୋଚ୍ଚ ସୀମା ନିର୍ଦ୍ଧାରଣର ଉଦ୍ଦେଶ୍ୟ ପାଇଁ ଧନୌତି ମଠର ଜମିରେ ଅନ୍ତର୍ଭୁକ୍ତ କରାଯାଇପାରିଲା ନାହିଁ। ଏହି ଯୁକ୍ତିର ମଧ୍ୟ କୌଣସି ଦୃଢ଼ତା ନାହିଁ।

ଧାରା 2 (ee) ନିମ୍ନ ମତେ ପ୍ରାବଧାନ ରଖେ :

" 2 (ee) "ପରିବାର" ର ଅର୍ଥ ହେଉଛି ଜଣେ ବ୍ୟକ୍ତି, ତାଙ୍କ ଜୀବନସାଥୀ ଏବଂ ନାବାଳକ ସନ୍ତାନ ସନ୍ତତି ମାନେ ।

ବ୍ୟାଖ୍ୟା I. ଏହି ଖଣ୍ଡରେ "ବ୍ୟକ୍ତି" ଶବ୍ଦଟି ଅନ୍ତର୍ଭୁକ୍ତ  କିମ୍ବା ଅଣ ଅନ୍ତର୍ଭୁକ୍ତ  ଯେକୌଣସି କମ୍ପାନୀ, ଅନୁଷ୍ଠାନ, ନ୍ୟାସ, ସଂଗଠନ କିମ୍ବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରେ ।

ବ୍ୟାଖ୍ୟା-2 ଅଧିନିୟମର ଉଦ୍ଦେଶ୍ୟ ପାଇଁ ପରିବାରର ଗଠନ ନିର୍ଦ୍ଧାରଣ କରିବାରେ ବ୍ୟକ୍ତିଗତ ଆଇନ ପ୍ରାସଙ୍ଗିକ ହେବ ନାହିଁ କିମ୍ବା ବିଚାରକୁ ନିଆଯିବ ନାହିଁ।

ଗଣନା କରାଯାଇଥିବା ସଂସ୍ଥାଗୁଡ଼ିକୁ ସୂଚାଇବା ଏବଂ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯଦିଓ 'ପରିବାର' ର ମୁଖ୍ୟ ଅଂଶକୁ ବ୍ୟାପକ ଭାବେ ବ୍ୟାଖ୍ୟା କରାଯାଇଛି , କିନ୍ତୁ ବ୍ୟାଖ୍ୟା- I ଏହି ବିଷୟକୁ ସ୍ପଷ୍ଟ କରି ଦେଉଛି ଯେ "ବ୍ୟକ୍ତି" ଶବ୍ଦଟି ଅନ୍ତର୍ଭୁକ୍ତ କିମ୍ବା ଅଣ ଅନ୍ତର୍ଭୁକ୍ତ ଯେକୌଣସି କମ୍ପାନୀ, ଅନୁଷ୍ଠାନ, ନ୍ୟାସ, ସଂଗଠନ କିମ୍ବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରେ। ପ୍ରମାଣକୁ ବିଚାର କରିବା ପରେ ପୁନଃରୀକ୍ଷଣ କର୍ତ୍ତୃପକ୍ଷ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ :

> " ସିୱାନର ବିଦ୍ୱାନ ଭୂ - ସଂସ୍କାର ଉପ- ଜିଲ୍ଲାପାଳ 15.4.1976 ( ପୁନଃରୀକ୍ଷଣ ପାଇଁ ଆବେଦନର ଅନୁଲଗ୍ନକ ) ତାରିଖର ଆଦେଶକୁ ଅନୁଧ୍ୟାନରୁ ଜଣା ପଡ଼େ ଯେ ଧନୌତି ମଠର ମହନ୍ତ ମୁନେଶ୍ୱର ଗୋସ୍ୱାମୀ କହିଥିଲେ ଯେ ଧନୌତି ମଠ ଅଧୀନରେ ଅନେକ ସହାୟକ ମଠ ଥିଲା ଯେପରିକି ଭରଥେରୀ ମଠ, ବାଲେଠା ମଠ, ମୌଜାହିଦପୁର ମଠ ଇତ୍ୟାଦି। ଏହା ବ୍ୟତୀତ ଏହା ମଧ୍ୟ ସ୍ୱୀକାର କରାଯାଇଥିଲା ଯେ ବାଲେଠା ମଠର ମହନ୍ତଙ୍କୁ ଧନୌତି ମଠ ସମ୍ବନ୍ଧୀୟ ପ୍ରଜାସତ୍ତ୍ୱ  ମକଦ୍ଦମା ରେ ପକ୍ଷଭୁକ୍ତ କରାଯାଇଥିଲା ।ଏହି ଦୁଇଟି ତଥ୍ୟ ସ୍ପଷ୍ଟ ଭାବେ ସୂଚିତ କରେ ଯେ ବାଲେଠା ମଠ ହେଉଛି ଧନୌତି ମଠର ଏକ ଅଂଶ । ଯଦି ଏପରି ହୋଇନଥାନ୍ତା, ତେବେ ଆବେଦନକାରୀ, ବାଲେଠା ମଠ ଏହାର ଅଂଶ ନୁହେଁ ବୋଲି ଦର୍ଶାଇବା ପାଇଁ ଧନୌତି ମଠର ପଞ୍ଜୀକରଣ କାଗଜପତ୍ର ସହଜରେ ଉପସ୍ଥାପନ କରିଥାନ୍ତେ ।  ବାଲେଠା ମଠ ଏବଂ ଧନୌତି ମଠ ଉଭୟ ପୃଥକ ସଂସ୍ଥା ଅଟନ୍ତି ଏବଂ ପରସ୍ପର ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସୁନିଶ୍ଚିତ କରିବା ପାଇଁ, ସେ ବିହାର ରାଜ୍ୟ ଧାର୍ମିକ ନ୍ୟାସ ପରିଷଦରୁ ଏକ ପ୍ରମାଣପତ୍ର ମଧ୍ୟ ଉପସ୍ଥାପନ କରିବା ଉଚିତ୍ ଥିଲା । ଯଦିଓ ଆବେଦନକାରୀ-ଜମିଧାରୀଙ୍କ ପାଇଁ ଏପରି କରିବାକୁ ପର୍ଯ୍ୟାପ୍ତ ସମୟ ଉପଲବ୍ଧ ଥିଲା, କିନ୍ତୁ ସେ ସେପରି କରିନଥିଲେ ।

ବାଲେଠା ମଠ, ଧନୌତି ମଠର ଅଂଶବିଶେଷ ବୋଲି ମିଳିଥିବା ତଥ୍ୟକୁ ଦୃଷ୍ଟିରେ ରଖି , ଏହା ଏକ ନ୍ୟାସ ବୋଲି ସ୍ୱୀକାର କରାଗଲା । ତେଣୁ ଚୂଡ଼ାନ୍ତ ପୁନଃରୀକ୍ଷଣ କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି, ଏହାକୁ ଏକ ଶାଖା ଭାବରେ ବିବେଚନା କରାଯାଇପାରିବ ନାହିଁ।

ଏହା ପରେ ଯୁକ୍ତି କରାଗଲା ଯେ ଉପରୋକ୍ତ ଅନୁସନ୍ଧାନ, ପ୍ରମାଣ ଉପରେ ଆଧାରିତ ନୁହେଁ ଏବଂ ଏଠାରେ ସେହି ସମ୍ବନ୍ଧରେ ହୋଇଥିବା ଯୁକ୍ତି ବିକୃତ ଏବଂ ତେଣୁ ଏହି ନ୍ୟାୟାଳୟଙ୍କ ପାଇଁ ଏଠାରେ ଉପୁଜିଥିବା ପ୍ରଶ୍ନ ଭିତରକୁ ଯାଇ ନୂତନ ଭାବରେ ନିଷ୍ପତ୍ତି ନେବା ପାଇଁ ଦ୍ୱାର ଉନ୍ମୁକ୍ତ ଅଛି। ଆମେ ଭୟ କରୁଛୁ ଯେ ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ । ଏହା ଜଣା ପଡ଼େ ଯେ

ପ୍ରମାଣକୁ ତର୍ଜମା କରି, ପୁନଃରୀକ୍ଷଣ କର୍ତ୍ତୃପକ୍ଷ ଏବଂ ସମସ୍ତ କର୍ତ୍ତୃପକ୍ଷ ଏକାସାଙ୍ଗରେ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ଆବେଦନକାରୀଙ୍କ ମଠ,ଧନୌତି ମଠର ଏକ ଅଂଶ । କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟର ବିଚାର ଉପରେ ଏହା ଏକ ତଥ୍ୟର ସନ୍ଧାନ ହୋଇଥିବାରୁ, ଏହି ନ୍ୟାୟାଳୟଙ୍କ ପାଇଁ ଏହି ଫଳାଫଳକୁ ତର୍ଜମା କରିବା ଏବଂ ଏକ ଭିନ୍ନ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଦ୍ୱାର ଉନ୍ମୁକ୍ତ ନାହିଁ।

ତଦନୁସାରେ ଆବେଦନକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।